# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**09 December – 2025**

********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍ ମାଧ୍ୟମରେ ଦେଶର ସାଂସ୍କୃତିକ ବୈଭବ ଏବଂ ଜାତୀୟତାବାଦ ପୁନଃ ସ୍ଥାପିତ ହୋଇପାରିଛି; ରାଜ୍ୟସଭାରେ କହିଲେ, ସ୍ୱରାଷ୍ଟ୍ରମନ୍ତ୍ରୀ

— ଲୋକସଭାରେ ନିର୍ବାଚନୀ ସଂସ୍କାର ଉପରେ ଜାରି ରହିଛି ଆଲୋଚନା

- ଶେଷ ହେଲା ସପ୍ତଦଶ ବିଧାନସଭାର ଶୀତକାଳୀନ ଅଧିବେଶନ

— ଗୃହରେ ସଦସ୍ୟମାନଙ୍କର ଭତ୍ତା ଓ ପେନ୍‌ସନ୍ ବୃଦ୍ଧି ସମ୍ପର୍କିତ ବିଲ୍‌କୁ ମିଳିଲା ଅନୁମୋଦନ

ଏବଂ

- କଟକ ବାରବାଟୀ ଷ୍ଟାଡିୟମ୍‌ରେ ଆଉ କିଛି ସମୟ ପରେ ଆରମ୍ଭ ହେବ ଭାରତ-ଦକ୍ଷିଣ ଆଫ୍ରିକା ଟି-ଟ୍ୱେଣ୍ଟି କ୍ରିକେଟ ମ୍ୟାଚ

— ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଲା ଦକ୍ଷିଣ ଆଫ୍ରିକା

# ଆର୍‌ଏସ୍ ବନ୍ଦେ ମାତରମ

ଜାତୀୟ ଗୀତ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ରାଜ୍ୟସଭାରେ ଆଜି ସ୍ୱତନ୍ତ୍ର ଆଲୋଚନା ହୋଇଛି । ଆଲୋଚନା ଆରମ୍ଭ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ବନ୍ଦେ ମାତରମ ମାଧ୍ୟମରେ ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟ ଦେଶର ସାଂସ୍କୃତି ବୈଭବ ଏବଂ ଭାରତ ମାତାକୁ ପୂଜା କରିବାର ପରମ୍ପରା ତଥା ଜାତୀୟତାବାଦକୁ ପୁନଃ ସ୍ଥାପିତ କରିଥିଲେ ।

**V/O (Amit Saha)**

ବନ୍ଦେ ମାତରମ୍ ଭାରତମାତା ପ୍ରତି କର୍ତ୍ତବ୍ୟ  ଓ ଭକ୍ତିର ଭାବନା ଜାଗ୍ରତ କରୁଛି । ସ୍ୱାଧୀନତା ସଂଗ୍ରାମ ସମୟରେ ଏବଂ ବର୍ତ୍ତମାନ ଓ ୨୦୪୭ ବିକଶିତ ଭାରତ କାଳରେ ମଧ୍ୟ ବନ୍ଦେ ମାତରମର ପ୍ରାସଙ୍ଗିକତା ରହିବ ବୋଲି ସେ କହିଛନ୍ତି । ସମସ୍ତ ପ୍ରତିବନ୍ଧକ, ଅତ୍ୟାଚାର ଏବଂ କଷ୍ଟକୁ ଅତିକ୍ରମ କରି ବନ୍ଦେ ମାତରମ ଦେଶବାସୀଙ୍କ ହୃଦୟକୁ ସ୍ପର୍ଶ କରିବା ସହ କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବ୍ୟାପିଥିଲା  ବୋଲି ଶ୍ରୀ ଶାହ କହିଛନ୍ତି ।

# ଏଲ୍‌ଏସ୍ ଡିସ୍‌କସନ ଇଲେକ୍ସନ

ଲୋକସଭାରେ ଆଜି ନିର୍ବାଚନୀ ସଂସ୍କାର ଉପରେ ଆଲୋଚନା ଜାରି ରହିଛି । ଆଲୋଚନାରେ ଭାଗନେଇ କେନ୍ଦ୍ର ଆଇନ୍ ମନ୍ତ୍ରୀ **ଅର୍ଜୁନରାମ ମେଘୱାଲ** କହିଛନ୍ତି, ଦେଶରେ କଂଗ୍ରେସ ସରକାରଙ୍କ ସମୟରେ ମଧ୍ୟ ମତଦାତା ସୂଚୀରେ ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍‌ଆଇଆର୍ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ନାରୀଶକ୍ତି ବନ୍ଦନ ଅଧିନିୟମ

ସଂସଦରେ ପାରିତ ହୋଇଥିବାବେଳେ ଏଥିରେ ମହିଳାମାନଙ୍କ ପାଇଁ ଲୋକସଭା ଏବଂ ଅନ୍ୟ ବିଧାନସଭାରେ ଏକତୃତୀୟାଂଶ ଆସନ ସଂରକ୍ଷଣ ବ୍ୟବସ୍ଥା ରହିଛି ।

କେନ୍ଦ୍ରମନ୍ତ୍ରୀ **ରାଜୀବ ରଞ୍ଜନ ସିଂହ** ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସମର୍ଥନ କରିଛନ୍ତି । ସେ କହିଛନ୍ତି ଭାରତରେ ନିର୍ବାଚନ ସ୍ୱଚ୍ଛ ଏବଂ ନିରପେକ୍ଷ ଭାବରେ ସମ୍ପାଦିତ ହୁଏ ବୋଲି ସମଗ୍ର ବିଶ୍ୱ ପ୍ରମାଣ ପାଇଛି ।

## ଶେଷ ହେଲା ବିଧାନସଭା

ସପ୍ତଦଶ ବିଧାନସଭାର ଶୀତକାଳୀନ ଅଧିବେଶନ ଧାର୍ଯ୍ୟ ଅବଧି ପୂର୍ବରୁ ଆଜି ଶେଷ ହୋଇଛି । ୨୯ଟି କାର୍ଯ୍ୟଦିବସରୁ ଗୃହ ମାତ୍ର ୧୧ ଦିନ ଚାଲିବା ପରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଥିଲେ । ଚଳିତ ଅଧିବେଶନରେ ୧୭ ହଜାର ୪୪୦ କୋଟି ଟଙ୍କାର ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍ ଗୃହର ଅନୁମୋଦନ ଲାଭ କରିଛି । ବନ୍ଦେ ମାତରମ୍ ଗୀତର ୧୫୦ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟରେ ବର୍ଷବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଗୃହରେ ନିଷ୍ପତ୍ତି ନିଆଯାଇଛି ।

## ବିଧାନସଭା-ବନ୍ଦେ ମାତରମ୍

ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍ ସମଗ୍ର ଦେଶର ସ୍ୱାଧୀନତା ଆନ୍ଦୋଳନକୁ ଶକ୍ତିଶାଳୀ କରିବା ସହ ଜାତୀୟତାବୋଧକୁ ପ୍ରେରଣା ଯୋଗାଇଥିଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ବିଧାନସଭା ଅଧିବେଶନରେ ଆଜି ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର ବକ୍ତବ୍ୟ ପ୍ରଦାନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ବନ୍ଦେ ମାତରମ୍ ଏକ ଗୀତ ନୁହେଁ ଏହା ଦେଶର ଆତ୍ମା । ଏହି ରାଷ୍ଟ୍ରୀୟ ଗୀତ ଆମ ଶିରା ପ୍ରଶିରାରେ ପ୍ରବାହିତ

ହେଉଥିବା ରକ୍ତର ବେଗ, ଆମ ପ୍ରଶ୍ୱାସର ଗତି ସହିତ ଜଡିତ। ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଆମ ପ୍ରେରଣା, ଆମ ଶକ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି।

## ବିଧାନସଭା-ଦରମା ବୃଦ୍ଧି

ଓଡ଼ିଶା ବାଚସ୍ପତି, ଉପବାଚସ୍ପତି, ମନ୍ତ୍ରୀ ଓ ସଦସ୍ୟଙ୍କ ଦରମା, ଭତ୍ତା ଓ ପେନସନ୍ ବୃଦ୍ଧି ସମ୍ପର୍କିତ ୪ଟି ବିଲ୍ ଆଜି ଗୃହରେ ସର୍ବସମ୍ମତିକ୍ରମେ ପାରିତ ହୋଇଛି। ବିଲ୍‌ଗୁଡ଼ିକ ମଧ୍ୟରେ ରହିଛି, ଓଡ଼ିଶା ବିଧାନସଭା ସଦସ୍ୟମାନଙ୍କ ଦରମା, ଭତ୍ତା ଓ ପେନସନ୍ ସଂଶୋଧନ ବିଲ-୨୦୨୫, ଓଡ଼ିଶା ବିଧାନସଭା ବାଚସ୍ପତିଙ୍କ ଦରମା ଓ ଭତ୍ତା ସଂଶୋଧନ ବିଲ୍-୨୦୨୫, ଓଡ଼ିଶା ବିଧାନସଭା ଉପବାଚସ୍ପତିଙ୍କ ଦରମା ଓ ଭତ୍ତା ସଂଶୋଧନ ବିଲ୍-୨୦୨୫ ଏବଂ ଓଡ଼ିଶା ବିଧାନସଭା ମନ୍ତ୍ରୀଙ୍କ ଦରମା ଓ ଭତ୍ତା ସଂଶୋଧନ ବିଲ୍-୨୦୨୫।

## ବିଧାନସଭା-ହାତୀ

ରାଜ୍ୟରେ ବିଗତ ଦେଢ଼ ବର୍ଷରେ ୧୩୬ଟି ହାତୀଙ୍କର ମୃତ୍ୟୁ ହୋଇଛି ବୋଲି ବିଧାନସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି। ହାତୀ ମୃତ୍ୟୁରେ ସଂଶ୍ଳିଷ୍ଟ ୯୨ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

## କ୍ରିକେଟ୍ ଖେଳାଳି

କଟକ ବାରବାଟୀ ଷ୍ଟାଡିୟମରେ ଆଉ କିଛି ସମୟ ପରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ କ୍ରିକେଟ୍ ମ୍ୟାଚ ଆରମ୍ଭ ହେବ। ଟସ୍ ଜିତି

ଦକ୍ଷିଣ ଆଫ୍ରିକା ଦଳ ବୋଲିଂ କରିବାକୁ ନିଷ୍ପତ୍ତି ନେବା ସହ ଭାରତକୁ ବ୍ୟାଟିଂ କରିବା ପାଇଁ ଆମନ୍ତ୍ରଣ କରିଛି। ବାରବାଟୀରେ ଏହା ଚତୁର୍ଥ ଅନ୍ତର୍ଜାତୀୟ ଟି-ଟ୍ୱେଣ୍ଟି ମ୍ୟାଚ୍। ଭାରତ ଓ ଦକ୍ଷିଣ ଆଫ୍ରିକା ତୃତୀୟଥର ପାଇଁ ବାରବାଟୀରେ ମ୍ୟାଚ୍ ଖେଳିବାକୁ ଯାଉଛନ୍ତି।

ଏ ସମ୍ପର୍କରେ ଶୁଣନ୍ତୁ ଏକ ରିପୋର୍ଟ....

ବାରବାଟୀ ମ୍ୟାଚ୍ ପାଇଁ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଭରି ରହିଛି। ଲମ୍ବା ଧାଡିରେ ଶୃଙ୍ଖଳାର ସହ ଦର୍ଶକମାନେ ଷ୍ଟାଡିୟମ୍ ଭିତରକୁ ପ୍ରବେଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାରବାଟୀରେ ମ୍ୟାଚ୍ ଦେଖିବା ପାଇଁ ପହଞ୍ଚିଛନ୍ତି। ଉଭୟ ଦଳକୁ ଶ୍ରୀ ମାଝୀ ଶୁଭେଚ୍ଛା ଜଣାଇ କହିଛନ୍ତି, ଓଡ଼ିଶାର କ୍ରୀଡାପ୍ରେମର ସର୍ବୋତ୍ତମ ପରମ୍ପରାକୁ ବଜାୟ ରଖିବାର ଏକ ଇତିହାସ ରହିଛି ଏବଂ ବାରବାଟୀ ହେଉଛି କ୍ରିକେଟ୍ ପ୍ରତି ଆମର ଗଭୀର ଶ୍ରଦ୍ଧାର ପ୍ରତୀକ। ପାଞ୍ଚ ମ୍ୟାଚ ବିଶିଷ୍ଟ ଏହି ଟି-ଟ୍ୱେଣ୍ଟି ଶୃଙ୍ଖଳାର ପ୍ରଥମ ମ୍ୟାଚ ଦେଖିବା ଲାଗି ୪୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ପୁଲିସ ପ୍ରଶାସନ ପକ୍ଷରୁ ତ୍ରିସ୍ତରୀୟ ସୁରକ୍ଷା ସହ ୫୦ ପ୍ଲାଟୁନ ଫୋର୍ସ ଓ ୩୦୦ ପୋଲିସ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି।

ଆକାଶବାଣୀ କଟକ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

## ବୁଝାମଣାପତ୍ର

ରାଜ୍ୟରେ କୃଷି ପ୍ରକଳ୍ପକୁ ଅଗ୍ରସର କରାଇବା ଏବଂ ଡିଜିଟାଲ ପରିବର୍ତ୍ତନ ଉଦ୍ଦେଶ୍ୟରେ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣାପତ୍ର ଅପହଞ୍ଚ

ଲୋକଙ୍କ ପାଖରେ ପହଞ୍ଚାଇବା ଏବଂ ସେମାନଙ୍କର ଆବଶ୍ୟକତା ସମୟରେ ସରକାରୀ ସହାୟତା ପ୍ରଦାନ କରିବାରେ ସାହାଯ୍ୟ କରିବ ବୋଲି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି। ରାଜ୍ୟରେ ଅଦା, ହଳଦୀ ଏବଂ ଶ୍ରୀଅନ୍ନ କୃଷି ବିକାଶକୁ ସୁଦୃଢ଼ କରିବା ପାଇଁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ **ହେଫର ଇଣ୍ଟର ନ୍ୟାସନାଲ** ମଧ୍ୟରେ ପ୍ରଥମ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟରେ ଡିଜିଟାଲ ମୋବାଇଲ ଆଧାରିତ ସମ୍ପ୍ରସାରଣ ସେବା, କୃଷି ସମୃଦ୍ଧି ସହାୟତା କେନ୍ଦ୍ରର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ **ମେସର୍ସ ତତ୍ତ୍ୱ ଟେକ୍ନୋଲୋଜୀ** ଲିମିଟେଡ ସହ ଦ୍ୱିତୀୟ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ତୃଣମୂଳ ସ୍ତରରେ ଉପଲବ୍ଧ ମୋବାଇଲ ଆଧାରିତ ଡିଜିଟାଲ କୃଷି ସେବା କାର୍ଯ୍ୟକାରୀ କରିବାରେ ସାହାଯ୍ୟ କରିବ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉପସ୍ଥିତ ଥିଲେ।

## ଯୁକ୍ତଦୁଇ

ରାଜ୍ୟରେ ଯୁକ୍ତଦୁଇ ପରୀକ୍ଷା ସୂଚୀରେ ସାମାନ୍ୟ ପରିବର୍ତ୍ତନ କରାଯାଇଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ମାର୍ଚ୍ଚ ମାସ ୧୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ମାତୃଭାଷା ଓଡ଼ିଆ ପରୀକ୍ଷାକୁ ଛାଡି ଅନ୍ୟ ସମସ୍ତ ମାତୃଭାଷା ପରୀକ୍ଷା ମାର୍ଚ୍ଚ ମାସ ୨୩ ତାରିଖରେ ଅନୁଷ୍ଠିତ ହେବ। ସେହିପରି ମାର୍ଚ୍ଚ ମାସ ୨୧ ତାରିଖରେ ହେବାକୁ ଥିବା ଅନ୍ୟ ସମସ୍ତ ବିଷୟର ପରୀକ୍ଷା ୨୫ ତାରିଖରେ ହେବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି।

## ମତଦାନ ମଞ୍ଜୁରୀ ବୈଠକ

**ଦେବଗଡ଼** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାରେ ୨୯ଟି ନୂତନ ମତଦାନ କେନ୍ଦ୍ର ମଞ୍ଜୁରୀ ସଂକ୍ରାନ୍ତୀୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ନୂତନ ମତଦାନ କେନ୍ଦ୍ର ପ୍ରସ୍ତାବକୁ ଭାରତୀୟ ନିର୍ବାଚନ ଆୟୋଗ ଅନୁମୋଦନ କରିଥିବା ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ସୂଚନା ଦେଇଛନ୍ତି ।

## ଦିବ୍ୟାଙ୍ଗ ସଚେତନତା

**ବୌଦ୍ଧ** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ନାରାୟଣପୁରସ୍ଥିତ ଦିବ୍ୟାଙ୍ଗ ବିଦ୍ୟାଳୟ ପରିସରରେ ଦିବ୍ୟାଙ୍କମାନଙ୍କ ବିଭିନ୍ନ ସମସ୍ୟା ଓ ସୁବିଧା ସମ୍ପର୍କରେ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଅଧକ୍ଷ ପ୍ରତାପ କୁମାର ପାତ୍ର ଯୋଗଦେଇ ଦିବ୍ୟାଙ୍ଗମାନଙ୍କ ସୁରକ୍ଷା ଏବଂ ଉନ୍ନତି ସଂକ୍ରାନ୍ତରେ ଆଲୋଚନା କରିଥିଲେ ।

## ନିର୍ବାଚନ ବୈଠକ

**ବୌଦ୍ଧ** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ନିର୍ବାଚନ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାରେ ନୂତନ ଭାବେ ଗଠିତ ୫୧ଟି ମତଦାନ କେନ୍ଦ୍ର ସମ୍ପର୍କରେ ବିଭିନ୍ନ ରାଜନୈତିକ ଦଳ ପ୍ରତିନିଧିଙ୍କ ସହ ଆଲୋଚନା ହୋଇଥିଲା ।

## ସଚେତନତା କାର୍ଯ୍ୟକ୍ରମ

**ନୟାଗଡ଼** ଜିଲ୍ଲା ଓଡ଼ଗାଁ ବ୍ଲକ୍‌ର ରଙ୍ଗଣୀପାଟଣା ଏବଂ ପାନ୍ତିଖାରି ପଞ୍ଚାୟତରେ ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଏକ କୃଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭାଗୀୟ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସ୍ମିତା ବେହେରାଙ୍କ ସମେତ କୃଷି ବିଶେଷଜ୍ଞମାନେ ଯୋଗଦେଇ ଭୂସମ୍ପଦର ତଥ୍ୟାବଳୀ ମୃତ୍ତିକାର ପ୍ରକାରଭେଦ ଏବଂ ଗୁଣବତ୍ତା ପରୀକ୍ଷା ତଥା ସଂରକ୍ଷଣ ସମ୍ପର୍କରେ ଆଲୋଚନା କରିଥିଲେ।

## ଜୁହାର ସଚେତନତା

**ନୂଆପଡ଼ା** ଜିଲ୍ଲା ଦର୍ଲିପଡା ପଞ୍ଚାୟତରେ 'ଜୁହାର' କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପାଇଁ ହିତାଧିକାରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଛି। ଦୀର୍ଘଦିନ ଧରି କାର୍ଯ୍ୟାଦେଶ ପାଇଥିଲେ ସୁଦ୍ଧା ନିର୍ମାଣକାର୍ଯ୍ୟ କରୁ ନଥିବା ହିତାଧିକାରୀଙ୍କୁ ଶୀଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସ୍ୱେଚ୍ଛାସେବୀମାନେ ସଚେତନ କରାଇଛନ୍ତି।

## ସାଂସଦ ଖେଳ ମହୋତ୍ସବ

କଟକ ଲୋକସଭା ଅନ୍ତର୍ଗତ **ନୟାଗଡ଼** ଜିଲ୍ଲା ଖଣ୍ଡପଡା ବିଧାନସଭା ମଣ୍ଡଳୀର ଭାଁପୁର ବ୍ଲକ୍ ବାଇଗୁଣିଆ ଗ୍ରାମରେ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବରେ ଦୁଇଟି ବର୍ଗରେ ବିଭିନ୍ନ ଖେଳରେ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ମନୋନୀତ ଉଭୟ ବର୍ଗର ଖେଳାଳିମାନେ ଆସନ୍ତା ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ କଟକଠାରେ

ଆୟୋଜିତ ଲୋକସଭା ନିର୍ବାଚନମଣ୍ଡଳୀ ସ୍ତରୀୟ ସାଂସଦ ଖେଳ ମହୋତ୍ସବରେ ଅଂଶଗ୍ରହଣ କରିବେ।